# OFSDP ପ୍ରକଳ୍ପ ସୂଚନାପତ୍ର

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

ଭାଗ - ୬/ ସଂସ୍କରଣ - ୩ ଜୁଲାଇ-ସେପ୍ଟେମ୍ବର ୨୦୧୨


# ସଚିବଙ୍କ ବାର୍ତ୍ତା



**ଆର.କେ. ଶର୍ମା,** ଭା.ପ୍ର.ସେ.

ଏହା ଖୁସିର କଥା ଯେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଅବଧି ଆଉ ଦୁଇ ବର୍ଷ ବଢ଼ିଲା ଓ ପ୍ରକଳ୍ପ ବର୍ଦ୍ଧିତ କାର୍ଯ୍ୟକାଳରେ ପ୍ରତିପାଳନ ପାଇଁ ଏକତ୍ରିକରଣ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛି। ୧୧ଟି ବନଖଣ୍ଡରେ ୨୩୭୬ଟି ବନ ସୁରକ୍ଷା ସମିତି ମାଧ୍ୟମରେ ଓ ବନ୍ୟପ୍ରାଣୀ ବନଖଣ୍ଡରେ ୫୨ଟି ପରିବେଶ ବିକାଶ କ୍ଲବ୍ ମାଧ୍ୟମରେ ଯୁଗ୍ମ ବନ ପରିଚାଳନା ଧାରାରେ ମୁଖ୍ୟ କାର୍ଯ୍ୟକ୍ରମଗୁଡ଼ିକ କାର୍ଯ୍ୟାନ୍ୱିତ କରିବାକୁ ପ୍ରକଳ୍ପ ସହାୟତା ପ୍ରଦାନ କରୁଛି। ମୁଁ ଆଶା କରୁଛି ଆମର କ୍ଷେତ୍ର ଅଧିକାରୀମାନେ ଓ ଭିଏସଏସଗୁଡ଼ିକ ଚଳିତ ବର୍ଷ ବୃକ୍ଷରୋପଣ ପାଇଁ ପ୍ରାପ୍ତ ଲକ୍ଷ୍ୟ ହାସଲ କରିସାରିଥିବେ।

ଯୁଗ୍ମ ବନ ପରିଚାଳନା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଗୋଷ୍ଠୀର ଦକ୍ଷତା ବୃଦ୍ଧି କରିବା ପ୍ରକଳ୍ପର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଓ ମୁଖ୍ୟ ଲକ୍ଷ୍ୟ। ଭିଏସଏସ/ଇଡିସିକୁ ଗ୍ରାମର ଏକ ସଶକ୍ତ ଅନୁଷ୍ଠାନରେ ପରିଣତ କରିବା ତଥା ବିଜ୍ଞାନସମ୍ମତ ଜଙ୍ଗଲ ସମ୍ପଦ ପରିଚାଳନା କରିବା ଲକ୍ଷ୍ୟରେ ପ୍ରକଳ୍ପ ପକ୍ଷରୁ ଭିଏସଏସ/ ଇଡିସି ସଭ୍ୟମାନଙ୍କ ପାଇଁ ନିୟୋଜିତ ଦକ୍ଷତା ବୃଦ୍ଧି ସହାୟକ ସଂସ୍ଥା (ସିବିଏସଏ) ଏକତ୍ରିକରଣ ପାଇଁ ବୈଷୟିକ, ଗୋଷ୍ଠୀଗତ ଓ ଆର୍ଥିକ କ୍ଷେତ୍ରରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଜ୍ଞାନ/କୌଶଳ ପ୍ରଦାନ କରୁଛି। ସେହିପରିଭାବେ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ସହାୟକ ସଂସ୍ଥାଗୁଡ଼ିକ (ଆଇଜିଏଏସଏ) ସ୍ୱୟଂ ସହାୟକ ଗୋଷ୍ଠୀର ଆର୍ଥିକ ସ୍ଥିତିରେ ବିକାଶ ଆଣିବା ପାଇଁ ସେମାନଙ୍କୁ ଦକ୍ଷତା ବୃଦ୍ଧି, ସହାୟତା, କୌଶଳ ତାଲିମ, ଗୋଷ୍ଠୀ ଗଠନ ଓ ବଜାର ସଂଯୋଗୀକରଣ ଆଦି ଉପରେ ତାଲିମ ପ୍ରଦାନ କରୁଛନ୍ତି।

ମୁଁ ନିଶ୍ଚିତ ଯେ ସମସ୍ତ ଅଂଶଗ୍ରହଣକାରୀମାନଙ୍କ ସହଯୋଗରେ ଓଏଫଏସଡିପି ତାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ କରିବା ସହ ଏହି ଶିକ୍ଷାକୁ ରାଜ୍ୟର ସମସ୍ତ ଭାଗରେ ପ୍ରତିପାଳନବଦ୍ଧଭାବେ କାର୍ଯ୍ୟକାରୀ କରାଯାଇପାରିବ।

Raj K Sharma

(ଆର.କେ. ଶର୍ମା, ଭା.ପ୍ର.ସେ.)
ପ୍ରମୁଖ ଶାସନ ସଚିବ
ଜଙ୍ଗଲ ଓ ପରିବେଶ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

# ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ-୨୦୧୨






ବନଖଣ୍ଡ ଅଧିକାରୀମାନଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ରାଜ୍ୟ ସଚିବାଳୟଠାରେ ୧୭ ଓ ୧୮ ଅଗଷ୍ଟ ୨୦୧୨ରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀକୁ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିଜୟଶ୍ରୀ ରାଉତରାୟ ଉଦ୍‌ଘାଟନ କରିଥିଲେ । ବିଭାଗର ବରିଷ୍ଠ ଅଧିକାରୀମାନେ, ଅନ୍ୟ ବିଭାଗରେ କାର୍ଯ୍ୟରତ ବରିଷ୍ଠ ବନ ଅଧିକାରୀମାନେ ବନ ନିଗମ ଏବଂ ବନଖଣ୍ଡ ଅଧିକାରୀମାନେ ସମ୍ମିଳନୀରେ ଯୋଗଦେଇଥିଲେ । ଶ୍ରୀ ଆର.କେ ଶର୍ମା, ଭା.ପ୍ର.ସେ, ପ୍ରମୁଖ ଶାସନ ସଚିବ ଜଙ୍ଗଲ ଓ ପରିବେଶ ବିଭାଗ, ଶ୍ରୀ ପି.ଏନ ପାଢ଼ୀ, ଭା.ବ.ସେ, ପିସିସିଏଫ, ଓଡ଼ିଶା, ଶ୍ରୀ ଜୁଡେ ଶେଖର, ଭା.ବ.ସେ, ପିସିସିଏଫ(କେପ୍ର) ଓଡ଼ିଶା, ଶ୍ରୀ ଜେ.ଡି ଶର୍ମା, ଭା.ବ.ସେ, ପିସିସିଏଫ (ବପ୍ରା) ଏବଂ ସିଡବ୍ଲୁଏଲଡବ୍ଲୁ, ଓଡ଼ିଶା ଓ ଶ୍ରୀ ବିନୋଦକୁମାର, ଭା.ବ.ସେ, ପ୍ରକଳ୍ପ ନିର୍ଦ୍ଦେଶକ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପ୍ରମୁଖ ସମ୍ମିଳନୀକୁ ପରିଚାଳନା କରିଥିଲେ । ଏହି ଅବସରରେ ମାନନୀୟ ମନ୍ତ୍ରୀ ଓଏଫଏସଡିପିର ପୁସ୍ତିକା "ଓଏଫଏସଡିପି ହାଇଲାଇଟ୍...... ଟୁୱାର୍ଡ଼ସ ସଷ୍ଟେନେବିଲିଟି" ଉନ୍ମୋଚନ କରିଥିଲେ ଓ ୱେବ୍ ଜିଆଇଏସ ଏବଂ ଓଡ଼ିଶା ବନ ଉନ୍ନୟନ ନିଗମର ନୂତନ ଲୋଗୋ ଉନ୍ମୋଚନ କରିଥିଲେ ।

ବିଭାଗର ସମସ୍ତ ଶାଖାର ବିଭିନ୍ନ ସମସ୍ୟା ଓ କାର୍ଯ୍ୟକଳାପ ଏହି ସମ୍ମିଳନୀରେ ଆଲୋଚନା ହୋଇଥିଲା । ଏମଜିଏନଆରଇଜିଏସ କାର୍ଯ୍ୟକାରିତାରେ କ୍ଷେତ୍ରରେ ଦେଖାଦେଉଥିବା ଅସଲ ସମସ୍ୟା ଉପରେ ମଧ୍ୟ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା । ଓଏଫଏସଡିପି ଉପରେ ପ୍ରକଳ୍ପ ନିର୍ଦ୍ଦେଶକ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଓ ବନାଞ୍ଚଳ କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ଉପରେ ଗୁରୁତ୍ୱ ଦେଇ ତଥା ପ୍ରକଳ୍ପର ଅଗ୍ରଗତି ଉପରେ ଏକ ଉପସ୍ଥାପନ କରିଥିଲେ । ପ୍ରକଳ୍ପ ପାଇଁ ନିମ୍ନଲିଖିତ ନିଷ୍ପତ୍ତି ଗ୍ରହଣ କରାଗଲା ।:

କ) ଏଆର ଟିକ୍ ପାଇଁ ଉପଯୋଗୀ ସ୍ଥାନ ନିରୂପଣ ପାଇଁ ସମସ୍ତ ପ୍ରକଳ୍ପ ବନଖଣ୍ଡଗୁଡ଼ିକୁ ନିବେଦନ କରାଯାଇଥିଲା ।

ଖ) ବାଲେଶ୍ୱର ଓ ଭଦ୍ରକରେ ଅନୁମୋଦିତ ହୋଇଥିବା ଝାଉଁ ଅମଳ ଏବଂ ପୁନଃବୃକ୍ଷରୋପଣ ଯୋଜନାକୁ ନେଇ ଦେଖାଦେଇଥିବା ସମସ୍ୟାର ପରୀକ୍ଷା କରି ୩୦୦ହେକ୍ଟର ଅମଳ ଓ ଜିପିଏସ ସମ୍ପୂର୍ଣ୍ଣ ପୁନଃବୃକ୍ଷରୋପଣର ସମ୍ପୂର୍ଣ୍ଣ ବିବରଣୀ ୩୦ ସେପ୍ଟେମ୍ବର ୨୦୧୨ ସୁଦ୍ଧା ପ୍ରଦାନ କରିବାକୁ ଆରସିସିଏଫ, ବାରିପଦାଙ୍କୁ ନିବେଦନ କରାଯାଇଥିଲା ।

ଗ) ଯେଉଁ ପ୍ରକଳ୍ପ ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟଙ୍କ ଅଧୀନରେ ସଂରକ୍ଷିତ ଅଞ୍ଚଳ (ପିଏ) ରହିଛି ଓ ମଣିଷ ପଶୁ ବିବାଦପରି ସମସ୍ୟା ରହିଛି ସେମାନେ ମଣିଷ ପଶୁ ବିବାଦ ତୁଟାଇବା ପାଇଁ ସୌରଶକ୍ତି ବାଡ ଓ ବାସିନ୍ଦା ପରିଚାଳନା ପାଇଁ ଛୋଟ ପୋଖରୀ ଖୋଳିବା ଆଦି ସହ ପରିବେଶ ବିକାଶ କମିଟି ଗଠନ ସମେତ ପରିବେଶ ବିକାଶ ଯୋଜନା ବିକଶିତ କରିବା ପାଇଁ ନିବେଦନ କରାଯାଇଥିଲା ।

ଘ) ପ୍ରଚାର ପ୍ରସାର ପାଇଁ ନୂତନ କାର୍ଯ୍ୟକୁଶଳତା/ସଫଳ କାହାଣୀ ଆଦି ଫଟୋ ସହ ଓଏଫଏସଡିପି ସୂଚନାପତ୍ର(ତ୍ରୈମାସିକ)ରେ ପ୍ରକାଶ ପାଇଁ ପଠାଇବାକୁ ସମସ୍ତ ବନଖଣ୍ଡ ଅଧିକାରୀ (ଟି, ଡବ୍ଲୁଏଲ, କେଏଲ)ଙ୍କୁ ନିବେଦନ କରାଗଲା ।

ସବୁଜିମା ଆଡକୁ

ବର୍ଷା ଋତୁ ଆରମ୍ଭ ହେବା ସହ ୧୦ଟି ଖଣ୍ଡୀୟ ପରିଚାଳନା କେନ୍ଦ୍ର ଯଥା ଅନଗୁଳ, ବଣାଇ, ବାଲିଗୁଡା, ଜୟପୁର, କୋରାପୁଟ, ଫୁଲବାଣୀ, ରାୟଗଡା, ରାଉରକେଲା ଓ ବାଲେଶ୍ୱର (ବନ୍ୟପ୍ରାଣୀ) ଏବଂ ଭଦ୍ରକ (ବନ୍ୟପ୍ରାଣୀ) ବନଖଣ୍ଡରେ ଉଜୁଡା ଜଙ୍ଗଲର ପୁନରୁଦ୍ଧାର ପାଇଁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଯୁଗ୍ମ ବନ ପରିଚାଳନା ଧାରା (ପଞ୍ଚମ ଦଫା)ରେ ଆରମ୍ଭ ହୋଇଥିଲା। ଏଥିରେ ଯୁଗ୍ମ ବନ ପରିଚାଳନା ଧାରାରେ ମୋଟ ୧୧,୪୮୦ ହେକ୍ଟର ଓ ଉପକୂଳ ବଣ ୨୫୩ ହେକ୍ଟର ବୃକ୍ଷରୋପଣ, ଅଣଯୁଗ୍ମ ବନ ପରିଚାଳନା ଶାଗୁଆନ ବୃକ୍ଷରୋପଣ ୧୩୬୦ ହେକ୍ଟର ଓ ଝାଉଁ ୪୯ ହେକ୍ଟର ଅଞ୍ଚଳରେ ଲଗାଯାଇଛି। ଏହି ଅଞ୍ଚଳଗୁଡିକ ୨୦୧୧ରେ ବନଢାଞ୍ଚ କାର୍ଯ୍ୟକ୍ରମ ପାଇଁ ଓ ବୃକ୍ଷରୋପଣ ଯାଏଁ ବୃକ୍ଷରୋପଣ ପୂର୍ବ କାର୍ଯ୍ୟ କରାଯିବା ପାଇଁ ମନୋନୀତ ହୋଇଥିଲା। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ସମସ୍ତ ୧୧ଟି ବନଖଣ୍ଡରେ ପୂର୍ବ ବର୍ଷରୁ ହୋଇଥିବା ବୃକ୍ଷରୋପଣ ପରେ ମରିଯାଇଥିବା ବୃକ୍ଷ ସ୍ଥାନରେ ନୂତନ ଚାରା ମଧ୍ୟ ରୋପଣ କରାଯାଇଥିଲା।

| ଆର୍ଥିକ ବର୍ଷ | ଉଜୁଡା ଜଙ୍ଗଲର ପୁନରୁଦ୍ଧାର | | | | | | | | ଉପକୂଳ ବୃକ୍ଷରୋପଣ | | | ସର୍ବ ମୋଟ |
|---|---|---|---|---|---|---|---|---|---|---|---|---|
| | ଯୁଗ୍ମ ବନ ପରିଚାଳନା ଧାରାରେ ଭିଏସଏସ | | | | | | | ଏଆର ଶାଗୁଆନ (ଅଣଯୁଗ୍ମ ବନ ପରିଚାଳନା ଧାରାରେ) | | | | |
| | ଏଏନଆର | ଭିଏସଏସରେ ବ୍ଲକ୍ ବୃକ୍ଷରୋପଣ | | | | | ଯୁଗ୍ମ ବନ ପରିଚାଳନା ଧାରାରେ ମୋଟ ବୃକ୍ଷରୋପଣ | | | | | |
| | | ଅର୍ଥନୈତିକ | ଜାଳେଣୀ ଓ ଚାରା | ବାଉଁଶ ଓ ବେତ | ଅଣକାଷ୍ଠ ବନଜାତ ଦ୍ରବ୍ୟ | ମୋଟ | | | [illegible] | ଝାଉଁ | ମୋଟ | |
| ୨୦୧୧-୧୨ସୁଦ୍ଧା | ୧,୪୭,୩୫୮ | ୭,୪୯୭ | ୮,୧୪୮ | ୨,୧୯୪ | ୧୯,୧୧୨ | ୩୭,୧୫୧ | ୧,୮୪,୫୦୯ | ୧୧,୫୭୨ | ୨,୫୧୬ | ୯୨ | ୨,୬୦୮ | ୧,୯୮,୬୮୯ |
| ୨୦୧୨-୧୩ | ୭,୬୮୮ | ୮୧୨ | ୫୩୩ | ୨୧୪ | ୨,୨୩୩ | ୩,୭୯୨ | ୧୧,୪୮୦ | ୧,୩୬୦ | ୨୫୩ | ୪୯ | ୩୦୨ | ୧୩,୧୪୨ |
| ମୋଟ | ୧,୫୫,୦୪୬ | ୮,୩୦୯ | ୮,୬୮୧ | ୨,୪୦୮ | ୨୧,୩୪୫ | ୪୦,୯୪୩ | ୧,୯୫,୯୮୯ | ୧୨,୯୩୨ | ୨,୭୬୯ | ୧୪୧ | ୨,୯୧୦ | ୨,୧୧,୮୩୧ |

## ଗଣ ବୃକ୍ଷରୋପଣ

ରାଜ୍ୟର ସମସ୍ତ ବନଖଣ୍ଡ ସମେତ ଓଏଫଏସଡିପି ବନଖଣ୍ଡଗୁଡିକରେ ମଧ୍ୟ ଗଣ ବୃକ୍ଷରୋପଣ କାର୍ଯ୍ୟକ୍ରମ ଚଳିତବର୍ଷ ଜୁଲାଇ ୭ରେ ଆୟୋଜନ କରାଯାଇଥିଲା। ଗତ ପାଞ୍ଚ ବର୍ଷ ଧରି ବନ ବିଭାଗ ସଚେତନତା ବୃଦ୍ଧି କରିବା, ଲୋକଙ୍କୁ ବୃକ୍ଷରୋପଣ ତଥା ପରିବେଶ ଉପରେ ତାହାର ଉନ୍ନତ ପ୍ରଭାବ ଉପରେ ସଚେତନ କରାଇବା ଓ ବିଶ୍ୱ ତାପାୟନ କମ୍ କରିବା ଆଦି ଲକ୍ଷ୍ୟରେ ଗଣ ବୃକ୍ଷରୋପଣ ଗୋଟିଏ ଦିନରେ ଆୟୋଜନ କରୁଛି। ଏହି କାର୍ଯ୍ୟକ୍ରମରେ ସମାଜର ସବୁ ବର୍ଗର ଲୋକଙ୍କୁ ସାମିଲ କରାଯାଉଛି।



ଏହି ଅବସରରେ ପାରଳାଖେମୁଣ୍ଡି ବନଖଣ୍ଡରେ ଆକାଶିଆ, ଚାକୁଣ୍ଡା, ଗମ୍ଭାର, ଅଁଳା, ବଡଚାକୁଣ୍ଡା, କଦମ୍ବ, କାଜୁ, କରଞ୍ଜ, ଆମ୍ବ, ପଣସ, ଶାଗୁଆନ, ଶିଶୁ ଓ ସୁନାରୀ ଆଦି ପ୍ରଜାତିର ୯୬୦୦୦ ଚାରା ୭ଟି କ୍ଷେତ୍ର ପରିଚାଳନା କେନ୍ଦ୍ର ଅଞ୍ଚଳରେ ଲଗାଯାଇଛି। ଏହାବାଦ ସଚେତନତା କାର୍ଯ୍ୟକ୍ରମ, ଚାରାର ମାଗଣା ବଣ୍ଟନ, ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ୱିଜ୍ ପ୍ରତିଯୋଗିତା ଓ ବିଭିନ୍ନ ବିଭାଗ ଦ୍ୱାରା ଚାରାରୋପଣ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଜୟପୁର ଖଣ୍ଡୀୟ ପରିଚାଳନା କେନ୍ଦ୍ରରେ ସ୍ଥାନୀୟ ପଞ୍ଚାୟତିରାଜ ସଭ୍ୟ, ସାମ୍ବାଦିକ, ଶିକ୍ଷାବିତ୍, ବିଜ୍ଞ ବ୍ୟକ୍ତି, ବେସରକାରୀ ସଙ୍ଗଠନ, ବିଦ୍ୟାଳୟ ଓ ମହାବିଦ୍ୟାଳୟ, ଭିଏସଏସ ସଭ୍ୟ ଓ ଅନ୍ୟ ବିଭାଗ କର୍ମଚାରୀମାନେ ଏହି ଦିନିକିଆ ଗଣ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ବୋରିଗୁମା, ବୈପାରିଗୁଡା, ଗୁପ୍ତେଶ୍ୱର, ଜୟପୁର, କୋଟପାଡ ଓ କୁନ୍ଦୁରା କ୍ଷେତ୍ର ପରିଚାଳନା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଜଙ୍ଗଲର ଆବଶ୍ୟକତା ଓ ଗୁରୁତ୍ୱ, ଜୀବିକା ନିର୍ବାହ କାର୍ଯ୍ୟକ୍ରମଭିତ୍ତିକ ବନୀକରଣ କାର୍ଯ୍ୟକ୍ରମ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ଗଣ ଶୋଭାଯାତ୍ରା, ପ୍ରଚାର, ସଭା ପରି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଥିଲା। ଜୟପୁର ସରକାରୀ ହାଇସ୍କୁଲ, ନରପଦର, ବାଗ୍ରା ଓ ମୁଣ୍ଡିଗୁଡାର ପରିବେଶ କ୍ଲବ୍‌ଗୁଡିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ।



ଫୁଲବାଣୀ ବନଖଣ୍ଡରେ ସମସ୍ତ ୭ଟିଯାକ କ୍ଷେତ୍ର ପରିଚାଳନା କେନ୍ଦ୍ରରେ ଗଣ ବୃକ୍ଷରୋପଣ କାର୍ଯ୍ୟକ୍ରମ ୭ ଜୁଲାଇ ୨୦୧୨ରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଂଶୀଦାର ତଥା ଏଫଏମୟୁ କର୍ମଚାରୀ ଗଣ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଫୁଲବାଣୀ ବନାଞ୍ଚଳରେ ଦ୍ୱିତୀୟ ଦଫା ଭିଏସଏସ ଗଡ଼କୁମ୍ଭାରେ ଗଣ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଠାରେ ମୋଟ ୧୭ହେକ୍ଟର ଅଞ୍ଚଳରେ ବୃକ୍ଷରୋପଣ କରାଯାଇଥିଲା। ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରାଯିବା ପୂର୍ବରୁ ସ୍ଥାନଟି ପଡିଆ ହୋଇପଡିଥିଲା ତେଣୁ ଉତ୍ପାଦନ ଆଶାରେ ଏହି ସ୍ଥାନକୁ ଏକ ନୂତନ ସ୍ଥିତି ପ୍ରଦାନ କରାଯିବା ଲକ୍ଷ୍ୟରେ ଏହାକୁ ଗଣ ବୃକ୍ଷରୋପଣ ପାଇଁ ମନୋନୀତ କରାଯାଇଥିଲା। ମୋଟ ୨୭,୨୦୦ ଚାରା ଶାଗୁଆନ (୧୦,୦୦୦), ଚାକୁଣ୍ଡା (୫୨୦୦), କରଞ୍ଜ (୬୦୦୦) ଓ ସିମାରୁବା (୬୦୦୦) ସେହି ଦିନ ରୋପଣ କରାଯାଇଥିଲା। ଗଣ ବୃକ୍ଷରୋପଣ ଦିନ ଜଙ୍ଗଲ ଅବକ୍ଷୟ ଓ ପରିବେଶ ଉପରେ ତାହାର



>>

ପ୍ରଭାବ ଏବଂ ଲୋକଙ୍କ ଜୀବିକା ନିର୍ବାହ ଯୋଜନା ତଥା ବୃକ୍ଷରୋପଣର ସଚେତନତା କାର୍ଯ୍ୟକ୍ରମ ପାଇଁ ସେହି ସ୍ଥାନରେ ଏକ ସଭାର ଆୟୋଜନ କରାଯାଇଥିଲା। ବନଖଣ୍ଡ ଅଧିକାରୀ ଫୁଲବାଣୀ, ଏସପି କନ୍ଧମାଳ ଜିଲ୍ଲା, ସ୍ଥାନୀୟ ବିଧାୟକ, ବ୍ଲକ୍ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ, ଖଜୁରୀପଡା ପଞ୍ଚାୟତର ସରପଞ୍ଚ, ଗଡକୁମ୍ପା ପଞ୍ଚାୟତର ୱାର୍ଡସଭ୍ୟ ପ୍ରମୁଖ ସଭାରେ ଯୋଗଦେଇଥିଲେ। ପଡୋଶୀ ଝଗଡାପଟା ଓ ଆର.ନୂଆଗାଁ ଭିଏସଏସର ସଭ୍ୟ, ଆର.ନୂଆଗାଁ ହାଇସ୍କୁଲ ଓ ଗରକୁମ୍ପା ୟୁପି ସ୍କୁଲର ଛାତ୍ରଛାତ୍ରୀ ଏଥିରେ ଯୋଗଦେବା ସହ ବୃକ୍ଷରୋପଣରେ ଭାଗ ନେଇଥିଲେ। ଲୋକଙ୍କ ସହଭାଗିତାରେ ଏହା ବନଖଣ୍ଡର ଅନ୍ୟତମ ସଫଳ ଗଣ ବୃକ୍ଷରୋପଣ କାର୍ଯ୍ୟକ୍ରମ ଭାବେ ବିବେଚିତ ହୋଇଛି।

ରାୟଗଡା ବନଖଣ୍ଡର ସମସ୍ତ ବନାଞ୍ଚଳରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ସପ୍ତାହରେ ମୋଟ ୧,୩୧,୨୮୭ ଚାରା ରୋପଣ କରାଯାଇଛି। ରାୟଗଡା ବନାଞ୍ଚଳରେ ୨୪,୫୮୦, ଟିକିରି ୧୮୧୫୦, କାଶୀପୁରରେ ୯୨, ଗୁଣୁପୁର ୧୬୬୫୫, ଗୁଡାରୀ ୧୮୪୦୦, ମୁନିଗୁଡା ୧୬୪୧୦ ଓ କେ.ସିଙ୍ଗପୁରରେ ୩୭୦୦୦ ଚାରା ବନ ବିଭାଗ ଅନ୍ୟ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ମହାବିଦ୍ୟାଳୟ, କ୍ଲବ୍ ଓ ସମିତି ଦ୍ୱାରା ରୋପଣ କରାଯାଇଥିଲା।



# ନବରଙ୍ଗପୁର ବନଖଣ୍ଡରେ ପଣ୍ଡିକୋଟ ଭିଏସଏସର ସଫଳ କାହାଣୀ





ପାପଡାହାଣ୍ଡିଠାରୁ ୭ କି.ମି ଦୂରରେ ଅବସ୍ଥିତ ପଣ୍ଡିକୋଟ ଏକ ଆଦିବାସୀବହୁଳ ଗ୍ରାମ। ଗ୍ରାମରେ ୮୦% ଆଦିବାସୀ, ୧୫% ଅନୁସୂଚିତ ଜାତି ଓ ଅନ୍ୟ ଜାତିର ଲୋକେ ୫% ରୁହନ୍ତି। ଦାରିଦ୍ର୍ୟ ଓ ସ୍ୱଳ୍ପ ସମୟ ପାଇଁ ଜୀବିକା ନିର୍ବାହ ଗୁରୁତ୍ୱ ଯୋଗୁଁ ପାଖରେ ଥିବା ଜଙ୍ଗଲ ଉପରେ ନିର୍ଭରଶୀଳତା ବଢିବା ଫଳରେ ପ୍ରାକୃତିକ ଜଙ୍ଗଲ ଅବକ୍ଷୟ ହେବାରେ ଲାଗିଲା। ବାଘସର୍ଗି ସଂରକ୍ଷିତ ଜଙ୍ଗଲ ଓ ଫଟାକୋଟ ସଂରକ୍ଷିତ ଜଙ୍ଗଲର ବହୁ ଟ୍ରାକ୍ ଅଞ୍ଚ ଅବଧିରେ ଅମଳ ହେଉଥିବା ଫସଲ ପାଇଁ ଦଖଲ ହୋଇଗଲା। ଏହି ଅଣଯୋଜନାଭିତ୍ତିକ ବ୍ୟବହାର ବଢିବାରେ ଲାଗିଲା ଓ ଜଙ୍ଗଲର ଘଞ୍ଚତା କମି ତାହା ବୁଦୁବୁଦିଆ ଜଙ୍ଗଲରେ ପରିଣତ ହେଲା।

ତେବେ, କିଛି ଦୂରଦୃଷ୍ଟିସମ୍ପନ୍ନ ଗ୍ରାମବାସୀ ସାହସ ଜୁଟାଇ ଅପବ୍ୟବହାରକାରୀଙ୍କୁ ଏହି ପ୍ରାକୃତିକ ସମ୍ପଦର ଏପରି ଅପବ୍ୟବହାର ନ କରିବାକୁ ପ୍ରବର୍ତ୍ତାଇଲେ। ପ୍ରାୟ ୮ ବର୍ଷ ପୂର୍ବେ ଗ୍ରାମବାସୀ ନିଜର ମୂର୍ଖତାକୁ ବୁଝିପାରିଲେ ଓ ପାଖରେ ଥିବା ଜଙ୍ଗଲର ସୁରକ୍ଷା କରିବାରେ ଲାଗିଲେ। ସେମାନେ ଜଙ୍ଗଲ ଜଗିବା ସହ ସଂରକ୍ଷିତ ଜଙ୍ଗଲକୁ ନଷ୍ଟ କରିବାରୁ ଅନ୍ୟ ଗ୍ରାମବାସୀଙ୍କୁ ମଧ୍ୟ ବାରଣ କଲେ। ଗ୍ରାମବାସୀଙ୍କ ଏହି କାର୍ଯ୍ୟକଳାପ ଉପରେ ଛଅ ବର୍ଷ ପୂର୍ବେ ଜଙ୍ଗଲ ବିଭାଗର ନଜର ପଡିଲା। ୨୦.୦୧.୨୦୦୩ରେ ଗ୍ରାମରେ ବନ ସଂରକ୍ଷଣ ସମିତି (ଭିଏସଏସ) ଗଠିତ ହେଲା। ବାଘସର୍ଗି ସଂରକ୍ଷିତ ଜଙ୍ଗଲ ଓ ଫଟାକୋଟ ସଂରକ୍ଷିତ ଜଙ୍ଗଲର ଦଖଲ ଅଞ୍ଚଳରେ ବୃକ୍ଷରୋପଣ ସମେତ ପଡୋଶୀ ପଣ୍ଡିକୋଟ ଗ୍ରାମ ପାଖରେ ପ୍ରାକୃତିକଭାବେ ବଢିଥିବା ଜଙ୍ଗଲକୁ ମଧ୍ୟ ସୁରକ୍ଷା ଦେବାକୁ ଭିଏସଏସ ସର୍ବସମ୍ମତକ୍ରମେ ନିଷ୍ପତ୍ତି ନେଲା। ଏହି ବୃହତ୍ତର ସ୍ୱାର୍ଥ ଲାଗି ଗ୍ରାମବାସୀ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହେବା ସହ ଦଖଲ ଅଞ୍ଚଳକୁ ମୁକ୍ତ କଲେ।

## ପଣ୍ଡିକୋଟରେ ଏଆର୍ ମିକ୍ସଡ୍ ପ୍ଲଟ୍: ୨୦୦୪-୦୫ (ଆର୍‌ଏଲ୍‌ଟିଏପି)



ନବରଙ୍ଗପୁର ବନଖଣ୍ଡ ୨୦୦୩-୦୪, ୨୦୦୪-୦୫, ୨୦୦୫-୦୬, ୨୦୦୬-୦୭, ୨୦୦୮-୦୯ ଓ ୨୦୦୯-୧୦ ମସିହାରେ ଯଥାକ୍ରମେ ୩୦ ହେକ୍ଟର, ୩୫ ହେକ୍ଟର, ୪୫ ହେକ୍ଟର, ୨୦ ହେକ୍ଟର, ୨୫ ହେକ୍ଟର ଓ ୬୦ ହେକ୍ଟର ଚାରା ରୋପଣ କରିଛି। ଏହି ବୃକ୍ଷରୋପଣକୁ ଗ୍ରାମବାସୀମାନେ ଦେଖାଶୁଣା କରିବା ସହ ସହଭାଗୀ ସୁରକ୍ଷାଭିତ୍ତିରେ ଠେଙ୍ଗାପାଳି କରାଯାଉଛି। ସମସ୍ତ ବୃକ୍ଷରୋପଣ ସଫଳତାର ସହ କରାଯାଇପାରିଛି। ଗ୍ରାମବାସୀଙ୍କର ଏହି ଉଦ୍ୟମ ଧୀରେ ଧୀରେ ଆରମ୍ଭ ହେବା ସହ ସମୟ ସହ ତାଳ ଦେଇ ବଢିଲା ଓ ବର୍ତ୍ତମାନର ସଫଳତା ପ୍ରଶଂସନୀୟ। ସୁସ୍ଥ ବନ ପରିଚାଳନାର ଚିନ୍ତାଧାରାକୁ ପ୍ରସାର କରାଇବାରେ ଓ ଗ୍ରାମବାସୀଙ୍କର ଏହି ଉଦ୍ୟମକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦିଆଯାଉଛି।

ବନଖଣ୍ଡ ଅଧିକାରୀ, ନବରଙ୍ଗପୁର ବନଖଣ୍ଡ

# ବିଜ୍ଞାନ ଏକ୍ସପ୍ରେସ୍

## ଜୈବବିବିଧ ସ୍ୱତନ୍ତ୍ର




ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌କୁ 'ସାଇନ୍ସ ଏକ୍ସପ୍ରେସ୍-ବାଇଓଡାଇଭରସିଟି ଏକ୍ସପ୍ରେସ୍' ରୂପରେ ସଜ୍ଜିତ କରାଯାଇ ଦିଲ୍ଲୀ ଷ୍ଟେସନରୁ ୯ ଏପ୍ରିଲ ୨୦୧୨ରୁ ବାହାର କରାଯାଇଥିଲା। ଏହି ସ୍ୱତନ୍ତ୍ର ଟ୍ରେନ ସହଭାଗିତା ସହ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ରାସ୍ତା ଦେଇ ହାଇଦରାବାଦରେ ୧-୧୯ ଅକ୍ଟୋବର ୨୦୧୨ ଯାଏଁ ଅନୁଷ୍ଠିତ କନ୍‌ଫରେନ୍ସ ଅଫ ପାର୍ଟିଜ୍ (କପ୍-୧୧)କନ୍‌ଭେନସନ ଅଫ ବାଇଓଲୋଜିକାଲ ଡାଇଭରସିଟି(ସିବିଡି)କୁ ଅଗ୍ରଦୂତଭାବେ ଯାଇଥିଲା। ଏହି ସମ୍ମିଳନୀରେ ୧୭୦ଟି ଦେଶର ପ୍ରତିନିଧି ଭାଗ ନେଇଥିଲେ।

ଏହି ସ୍ୱତନ୍ତ୍ର ଟ୍ରେନ୍ ଓଡ଼ିଶା ମଧ୍ୟଦେଇ ଜୁଲାଇ ୨୦୧୨ରେ ଗତି କରିଥିଲା ଓ ଚାରିଟି ରେଲଷ୍ଟେସନ ଯଥା ରାଉରକେଲା, ସମ୍ବଲପୁର, କଟକ ଓ ବ୍ରହ୍ମପୁରରେ ଲୋକଙ୍କ ସହଭାଗିତା ଓ ପରିଦର୍ଶନ ପାଇଁ ରହିଥିଲା। ଆମ ରାଜ୍ୟରୁ ଜୈବବିବିଧତା ସଂରକ୍ଷଣ କାର୍ଯ୍ୟକ୍ରମଗୁଡ଼ିକ ଏହି ଟ୍ରେନରେ "ଡେକାନ" ଓ "କୋଷ୍ଟାଲ ଓ ଆଇଲାଣ୍ଡସ" ବିଷୟବସ୍ତୁ ଅଧୀନରେ ପ୍ରଦର୍ଶିତ ହୋଇଥିଲା।

ଏହି ସ୍ୱତନ୍ତ୍ର ଟ୍ରେନ୍‌ରେ ଆଠୋଟି ବଗି ବିଭିନ୍ନ ବିଷୟବସ୍ତୁ ଯଥା ଜୈବବିବିଧତା (ଜେନେରିକ୍), ହିମାଳୟାଜ୍, ମରୁଭୂମି (ଯେଉଁଥିରେ ଏରିଡ୍, ସେମି ଏରିଡ୍ ଏବଂ ଶୁଷ୍କ ହବ୍ ହୁମିଡ୍ ଅଞ୍ଚଳ), ଗଙ୍ଗା ଉପକୂଳ ସମତଳ, ପଶ୍ଚିମ ଘାଟ, ଡେକାନ, ଉତ୍ତର-ପୂର୍ବ ଅଞ୍ଚଳ, ଉପକୂଳ ଓ ଦ୍ୱୀପରେ ସଜ୍ଜିତ ହୋଇଥିଲା। ସମାନତା ଥିବାରୁ କେତେକ ଜୈବବିବିଧ ଅଞ୍ଚଳକୁ ଗୋଟିଏ ବିଷୟବସ୍ତୁ ଜୈବବିବିଧତା ଅଧୀନରେ ରଖାଯାଇଥିଲା। ଏହାବାଦ ଗୋଷ୍ଠୀ ଆଲୋଚନା, ଫିଲ୍ମ ଶୋ, ଡାକଟିକଟ ପ୍ରଦର୍ଶନୀ ଏବଂ ଟ୍ରେନ ରହୁଥିବା ଷ୍ଟେସନ ପ୍ଲାଟଫର୍ମରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭିନ୍ନ ସ୍କୁଲ ଓ କଲେଜରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏହି ଟ୍ରେନ ପରିଦର୍ଶନ କରିଥିଲେ।






# ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଦ୍ୱାରା

## ଗ୍ରାମ୍ୟ ଅନୁଷ୍ଠାନଗୁଡିକର ସଶକ୍ତିକରଣ

ଦକ୍ଷତା ବୃଦ୍ଧି ଓଏଫଏସଡିପିର ଏକ କେନ୍ଦ୍ରୀଭୂତ କାର୍ଯ୍ୟକ୍ରମ ଯାହାଦ୍ୱାରା ଜଙ୍ଗଲ ବିଭାଗ କର୍ମଚାରୀ, ଭିଏସଏସ/ଇଡିସି ସଭ୍ୟ, ଏସଏଚଜି ଏବଂ ଗୋଷ୍ଠୀର ଦକ୍ଷତା ବୃଦ୍ଧି କରାଯିବା ଲକ୍ଷ୍ୟ ରହିଛି। ଏହାଫଳରେ ଜଙ୍ଗଲ ଅଞ୍ଚଳ ବଢ଼ିବା ସହ ଜୀବିକା ନିର୍ବାହ ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳତା କମାଯାଇପାରୁଛି। ସମସ୍ତ ଅଂଶୀଦାରଙ୍କ ପାଇଁ ପ୍ରକଳ୍ପ ପକ୍ଷରୁ ନିୟମିତ ବନଖଣ୍ଡଗୁଡ଼ିକରେ ତାଲିମ ଆୟୋଜନ କରାଯାଉଛି। ତାଲିମର ବିଷୟବସ୍ତୁକୁ ଚିହ୍ନଟ ଓ ପ୍ରକଳ୍ପରୁ ପ୍ରାପ୍ତ ଶିକ୍ଷା ତଥା ଆବଶ୍ୟକତାକୁ ମୂଲ୍ୟାୟନ ପରେ ସ୍ଥିର କରାଯାଏ।

ପ୍ରକଳ୍ପ ଅଧୀନରେ ୨୦୧୨ ସେପ୍ଟେମ୍ବର ସୁଦ୍ଧା ୧୧୧ଟି ତାଲିମ ପ୍ରକଳ୍ପ ପରିଚାଳନା କେନ୍ଦ୍ର ଦ୍ୱାରା ଆୟୋଜନ କରାଯାଇଛି ଓ ଏଥିରେ ୧୨୩୬ ଜଣ କ୍ଷେତ୍ର ଅଧିକାରୀ ତାଲିମ ଗ୍ରହଣ କରିଛନ୍ତି। ବନ ସମ୍ବନ୍ଧୀୟ ବିଭିନ୍ନ ନୂତନ ଜ୍ଞାନକୌଶଳ, ବନ୍ୟପ୍ରାଣୀ ଓ ଜୈବବିବିଧତା ପରିଚାଳନା ଉପରେ ବିକଶିତ



କୌଶଳ ଆହରଣ ପାଇଁ ୩୮ଜଣ ଅଧିକାରୀଙ୍କୁ ବିଦେଶ ପଠାଯାଇଥିଲା। ପିଏମୟୁ ଦ୍ୱାରା ପ୍ରଦାନ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ତାଲିମ ହେଉଛି ଚାରା ଉତ୍ପାଦନ ଜ୍ଞାନକୌଶଳ, ଅଣୁଯୋଜନା ପ୍ରସ୍ତୁତି, ଜଙ୍ଗଲ ଅଞ୍ଚଳରେ ଆବଶ୍ୟକ ମୃତ୍ତିକା ଜଳ ସଂରକ୍ଷଣ କାର୍ଯ୍ୟ, ପରିବେଶ ପର୍ଯ୍ୟଟନ ପରିଚାଳନା, ମାଇକ୍ରୋ ଫାଇନାନ୍ସ ଓ ଲଘୁ ଉଦ୍ୟୋଗ, ରୁଟ୍ ଟ୍ରେନର ନର୍ସରୀ, ଅଣକାଷ୍ଠ ବନଜାତ ଦ୍ରବ୍ୟ ପରିଚାଳନା, ପ୍ରାକୃତିକ ଜଙ୍ଗଲର ପ୍ରତିପାଳନକ୍ଷମ ପରିଚାଳନା, ବନ୍ୟପ୍ରାଣୀ ଆଇନର କାର୍ଯ୍ୟକାରିତା ଓ ଗୁଇନ୍ଦା ତଥ୍ୟ ଏକତ୍ରିକରଣ, ସକାରାତ୍ମକ ବ୍ୟାବହାରିକ ପରିବର୍ତ୍ତନ, ବାଉଁଶ ପରିଚାଳନା, ସମ୍ପୂର୍ଣ୍ଣ ଗୁଣବତ୍ତା ପରିଚାଳନା, ଫରେଷ୍ଟ ଜେନେଟିକ୍ସ ଓ ଟ୍ରି ବ୍ରିଡିଂ, ଫଳାଫଳଭିତ୍ତିକ ପରିଚାଳନା ଓ ଆଉ କେତେକ।



ଅଷ୍ଟ୍ରେଲିଆର କାକାଡୁ ଜାତୀୟ ଉଦ୍ୟାନରେ ଶିକ୍ଷା ପରିଭ୍ରମଣକାରୀ ଦଳ




ପ୍ରକୃତି ଗାଇଡ୍ ଓ ଭାଷ୍ୟାକାର ଉପରେ ତାଲିମ



ଲାଖିଆ ପ୍ରକ୍ରିୟାକରଣ ଉପରେ ତାଲିମ

# ଅନୁଷ୍ଠାନଗୁଡିକର ସଶକ୍ତିକରଣ

ତୃଣମୂଳସ୍ତରୀୟ ପ୍ରକଳ୍ପ କାର୍ଯ୍ୟକର୍ତ୍ତା, କାର୍ଯ୍ୟକାରିଣୀ କମିଟି ସଭ୍ୟଙ୍କ ପାଇଁ ଖଣ୍ଡୀୟ ପରିଚାଳନା କେନ୍ଦ୍ର ଦ୍ୱାରା ପ୍ରକଳ୍ପ ଆରମ୍ଭଠାରୁ ମାର୍ଚ୍ଚ ୨୦୧୨ ଯାଏଁ ବିଭିନ୍ନ ତାଲିମ ଆୟୋଜନ କରାଯାଇଛି, ଏଥିରେ ଭିଏସଏସ/ଇଡିସି/ଏସଏଚଜି ସଭ୍ୟମାନେ ମଧ୍ୟ ସାମିଲ ଅଛନ୍ତି। ମୋଟ ୫୬୦୫୬ ଜଣ ବ୍ୟକ୍ତି ମାର୍ଚ୍ଚ ୨୦୧୨ ଯାଏଁ ଗୋଟିଏ କିମ୍ବା ଅଧିକ ତାଲିମରେ ଭାଗ ନେଇଛନ୍ତି, ଯାହାର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦାନ କରାଯାଇଛି।

## ଲୋକଙ୍କ ଦକ୍ଷତା ବୃଦ୍ଧି

### ମାର୍ଚ୍ଚ ୨୦୧୨ ସୁଦ୍ଧା ଖଣ୍ଡୀୟ ପରିଚାଳନା କେନ୍ଦ୍ର ଦ୍ୱାରା ପ୍ରଦତ୍ତ ତାଲିମ

| କ୍ରମିକ ସଂଖ୍ୟା | ଡିଏମୟୁ ନାମ | ତାଲିମପ୍ରାପ୍ତ ବ୍ୟକ୍ତି ସଂଖ୍ୟା | ପର୍ଯ୍ୟନ ଦିନ ସଂଖ୍ୟା |
|---|---|---|---|
| ୧ | ଅନୁଗୁଳ | ୨୧,୨୨୬ | ୩୭୫୪୪ |
| ୨ | ବାଲିଗୁଡା | ୨୨୯୨ | ୬୨୬୮ |
| ୩ | ବଣାଇ | ୪୦୧୨ | ୪୯୨୮ |
| ୪ | ଦେବଗଡ | ୨୪୬୭ | ୬୩୯୮୨ |
| ୫ | ଜୟପୁର | ୪୪୮୮ | ୫୨୨୫ |
| ୬ | କେନ୍ଦୁଝର | ୧୭୫୩ | ୧୯୮୯୯ |
| ୭ | କୋରାପୁଟ | ୧୯୦୧ | ୩୯୦୨୩ |
| ୮ | ପାରଳାଖେମୁଣ୍ଡି | ୨୨୬୩ | ୯୭୯୯ |
| ୯ | ଫୁଲବାଣୀ | ୧୨୦୨ | ୬୬୮୧ |
| ୧୦ | ରାୟଗଡା | ୯୮୫୫ | ୨୩୪୮୬ |
| ୧୧ | ରାଉରକେଲା | ୧୪୬୨ | ୧୧୮୬୬ |
| ୧୨ | ବାଲେଶ୍ୱର(ବପ୍ରା) | ୨୨୧ | ୧୦୪୦ |
| ୧୩ | ଭଦ୍ରକ (ବପ୍ରା) | ୧୧୯୧ | ୭୧୪ |
| ୧୪ | ସାତକୋଶିଆ(ବପ୍ରା) | ୧୭୨୩ | ୧୮୫୬ |
| | ସର୍ବମୋଟ | ୫୬୦୫୬ | ୨୩୨୩୧୧ |

## ଦକ୍ଷତା ବୃଦ୍ଧି ପ୍ରଣାଳୀ(ମୋଡ୍ୟୁଲ)

### ଭିଏସଏସ ପାଇଁ ତାଲିମ ପ୍ରଣାଳୀ

୧. ଭିଏସଏସ/ଇଡିସି ପ୍ରୋତ୍ସାହନ, ସଚେତନତା ଏବଂ ଓଏଫଏସଡିପି ଉପରେ ତଥ୍ୟ ପ୍ରଦାନ
୨. ଅଣୁ ଯୋଜନା-୧: ତୃଣମୂଳସ୍ତର ତଥ୍ୟ ସଂଗ୍ରହ, ଗ୍ରାମ୍ୟସ୍ତରରେ ପଞ୍ଚାୟତିରାଜ କାର୍ଯ୍ୟକ୍ରମ ଏବଂ ଜୀବିକା ନିର୍ବାହ ସୁଯୋଗ ବିଶ୍ଳେଷଣ ଆଦି
୩. ମୃତ୍ତିକା ଜଳ ସଂରକ୍ଷଣ, ସିସିଟି(ଯେଉଁଠାରେ ଆବଶ୍ୟକ)
୪. ଡିଏମୟୁ ମଧ୍ୟରେ ଯେଉଁଠାରେ ଭଲ କାମ ହୋଇଛି ସେଠାକୁ ଭିଏସଏସ/ଇଡିସିର ଶିକ୍ଷା ପରିଭ୍ରମଣ
୫. ଅଣୁ ଯୋଜନା-୨: ଶିକ୍ଷା ପରିଭ୍ରମଣରୁ ତଥ୍ୟ, ଜଙ୍ଗଲ ବିକାଶ ଯୋଜନା, ଚାରା ଉତ୍ପାଦନ କେନ୍ଦ୍ର ସମେତ ପ୍ରଜାତି ମନୋନୟନ, ପଶୁ ଚାରା ଓ ଗୋଖାଦ୍ୟ ମନୋନୟନ, ଗ୍ରାମ୍ୟ ସ୍ଥିତି ଯୋଜନା, ଅଣୁଯୋଜନା ପ୍ରସ୍ତୁତି ବାର୍ଷିକ ଯୋଜନା ଓ ଗ୍ରୀଡ ମ୍ୟାପର ବ୍ୟବହାର
୬. ଭିଏସଏସ ବୁକ୍ କିପିଙ୍ଗ, ଅର୍ଥ ପରିଚାଳନା, ମାଇକ୍ରୋ ଫାଇନାନ୍ସ
୭. ଜଙ୍ଗଲ ସୁରକ୍ଷା- ଚାରଣ ପରିଚାଳନା ଏବଂ ଅଗ୍ନି ନିୟନ୍ତ୍ରଣ
୮. ଲାଇଭଲିହୁଡ୍ ଲିଙ୍କିଂ, ଆୟକାରୀ କାର୍ଯ୍ୟକଳାପ, କୌଶଳ ସ୍ଥାନାନ୍ତର ତାଲିମ, ସ୍ୱାସ୍ଥ୍ୟ
୯. ଭିଏସଏସ କାର୍ଯ୍ୟକଳାପର ସହଭାଗୀ ତଦାରଖ ଏବଂ ସମୀକ୍ଷା
୧୦. ଭିଏସଏସ ବୁକ୍ କିପିଂ ଅର୍ଥ ପରିଚାଳନା ଏବଂ ଏସଏଚଜିକୁ ଋଣ ପ୍ରଦାନର ରିଫ୍ରେଶର ଟ୍ରେନିଂ,
୧୧. ଭିଏସଏସ/ଇଡିସି/ଏସଏଚଜି/ସିଆଇଜି ପାଇଁ ଆବଶ୍ୟକତାଭିତ୍ତିକ ରିଫ୍ରେଶର/ଟ୍ରେନିଂ

### ଏସଏଚଜି ପାଇଁ ତାଲିମ ପ୍ରଣାଳୀ

୧. ଏସଏଚଜି/ସିଆଇଜି ପ୍ରୋତ୍ସାହନ, ଓଏଫଏସଡିପି ଜୀବିକା ନିର୍ବାହ ସଂକ୍ରାନ୍ତ
୨. ଏସଏଚଜି ବୁକ୍ କିପିଙ୍ଗ, ଅର୍ଥ ପରିଚାଳନା ଓ ମାଇକ୍ରୋ ଫାଇନାନ୍ସ
୩. ଏସଏଚଜି/ସିଆଇଜି-ଆୟକାରୀ କାର୍ଯ୍ୟକଳାପ, ଲଘୁ ଉଦ୍ୟୋଗ ଓ ବ୍ୟବସାୟ
୪. ଡିଏମୟୁ ମଧ୍ୟରେ ଯେଉଁଠାରେ ଭଲ କାମ ହୋଇଛି ସେଠାକୁ ଏସଏଚଜିର ଶିକ୍ଷା ପରିଭ୍ରମଣ
୫. ଏସଏଚଜି/ସିଆଇଜି ପାଇଁ ଆବଶ୍ୟକତାଭିତ୍ତିକ ରିଫ୍ରେଶର/ଟ୍ରେନିଂ

### ଇଡିସି(ସଂରକ୍ଷିତ ଅଞ୍ଚଳ ଓ ହେତାଳ ବଣ ଅଞ୍ଚଳରେ) ପାଇଁ ତାଲିମ ପ୍ରଣାଳୀ

୧. ଜୀବିକା ନିର୍ବାହ ବିକାଶ ଲିଙ୍କିଙ୍ଗ ସମେତ, ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ, କୌଶଳ ସ୍ଥାନାନ୍ତର ଏବଂ ଏକାଭିମୁଖୀକରଣ
୨. ଇଡିସି ଗଠନ, କାର୍ଯ୍ୟକାରିତା, ନବୀକରଣ, କାର୍ଯ୍ୟକାରିଣୀ କମିଟି ନିର୍ବାଚନ, ପରିଚାଳନା ନୀତିନିୟମ
୩. ଇଡିସି ବୁକ୍ କିପିଙ୍ଗ ଉପରେ ତାଲିମ, ହିସାବ ରକ୍ଷଣାବେକ୍ଷଣ, ଇଡିସିର ଅର୍ଥ ପରିଚାଳନା ଓ ଏସଏଚଜିକୁ ଋଣ ପ୍ରଦାନ
୪. ଜଙ୍ଗଲ ସୁରକ୍ଷା- ଚାରଣ ପରିଚାଳନା ଏବଂ ଅଗ୍ନି ନିୟନ୍ତ୍ରଣ
୫. ଇଡିସି କାର୍ଯ୍ୟକଳାପର ସହଭାଗୀ ତଦାରଖ ଏବଂ ସମୀକ୍ଷା
୬. ଏସଏଚଜି/ସିଆଇଜି-ଆୟକାରୀ କାର୍ଯ୍ୟକଳାପ, ଲଘୁ ଉଦ୍ୟୋଗ, ଉଦ୍ୟୋଗ ବିକାଶ, ବ୍ୟବସାୟ ବିକାଶ ଯୋଜନା ଓ ବ୍ୟବସାୟ
୭. ଜୈବ ବିବିଧତା ସଂରକ୍ଷଣ - ଆବଶ୍ୟକତା, ଗୁରୁତ୍ୱ ଓ ପରିଚାଳନା
୮. ମଣିଷ-ପଶୁ ବିବାଦର ସମାଧାନ ଓ ଲୁଣ୍ଠନ କୌଶଳ
୯. ଗୋଷ୍ଠୀ ଜୈବ ବିବିଧତା ନଥି
୧୦. ହେତାଳ ବଣ ପୁନରୁଦ୍ଧାର ଓ ପରିଚାଳନା
୧୧. ପଶୁ ଚାରା ଚାଷ
୧୨. ଦଳ ଗଠନ, ସହଭାଗିତାରେ ବିବାଦସମାଧାନ ଏବଂ ନିଷ୍ପତ୍ତି ଗ୍ରହଣ
୧୩. ପ୍ରକଳ୍ପର ଉପାଦାନ ଉପରେ ପ୍ରତି ଇଡିସି ପାଇଁ ରିଫ୍ରେଶର ତାଲିମ

# ସିବିଏସଏ ଦ୍ୱାରା ଦକ୍ଷତା ବୃଦ୍ଧି

୨୦୧୫ ପର୍ଯ୍ୟନ୍ତ ଓଏଫଏସଡିପି କାର୍ଯ୍ୟକ୍ରମର ଏକତ୍ରିକରଣ କାର୍ଯ୍ୟ ଓ ଯେପରି ଭିଏସଏସ/ଇଡିସି ଗୋଷ୍ଠୀ ବିକାଶ ତଥା ଜଙ୍ଗଲ ସମ୍ପଦ ପରିଚାଳନାରେ ଗ୍ରାମର ଏକ ସଶକ୍ତ ଅନୁଷ୍ଠାନ ଭାବେ ୨୦୧୫ ପରେ ଭିଏସଏସ/ଇଡିସି ପ୍ରତିପାଦିତ ହୋଇପାରିବ ସେଥିପାଇଁ ଭିଏସଏସ/ଇଡିସିକୁ ଆବଶ୍ୟକ ବୈଷୟିକ, ଗୋଷ୍ଠୀଗତ ଏବଂ ଆର୍ଥିକ ଜ୍ଞାନକୌଶଳ ଯୋଗାଇ ଦେବାକୁ ୨୦୧୨ରେ ପ୍ରକଳ୍ପ ପ୍ରତି ଖଣ୍ଡୀୟ ପରିଚାଳନା କେନ୍ଦ୍ରରେ ଦକ୍ଷତା ବୃଦ୍ଧି ସହାୟକ ସଂସ୍ଥା (ସିବିଏସଏ) ନିଯୁକ୍ତ କରିଛି। ଭିଏସଏସ ଓ ଇଡିସି କାର୍ଯ୍ୟକାରିଣୀ କମିଟି ସଭ୍ୟଙ୍କୁ ତଥା ସେମାନଙ୍କ ମନୋନୀତ କାର୍ଯ୍ୟ ଗୋଷ୍ଠୀ ସଭ୍ୟଙ୍କୁ ଏହା ଦକ୍ଷତା ବୃଦ୍ଧି କ୍ଷେତ୍ରରେ ପ୍ରେରଣା ଯୋଗାଇପାରିଛି। ମାର୍ଚ୍ଚ ୨୦୧୨ରୁ ସେପ୍ଟେମ୍ବର ୨୦୧୨ ମଧ୍ୟରେ ନିର୍ଦ୍ଧାରିତ ୧ରୁ ୬ଟି ତାଲିମ ପ୍ରଣାଳୀରେ ମୋଟ ୧୦,୨୦୪ ଜଣ ବ୍ୟକ୍ତି ତାଲିମପ୍ରାପ୍ତ ହୋଇଛନ୍ତି। ସେହି ଭିନ୍ନ ଭିନ୍ନ ତାଲିମଗୁଡିକ ହେଲା:

### ଭିଏସଏସ ପାଇଁ ତାଲିମ ପ୍ରଣାଳୀ

ଏକତ୍ରିକରଣ ତାଲିମ ପ୍ରଣାଳୀ

ପୁନଃଦିଗଦର୍ଶନ ଏବଂ ଭିଏସଏସ କାର୍ଯ୍ୟ ଧାରା; ଆର୍ଥିକ ପରିଚାଳନା ଓ ରେକର୍ଡ ରକ୍ଷଣ;

ଭିଏସଏସ ଗୋଷ୍ଠୀକରଣ; ନେତୃତ୍ୱ ଓ ବିବାଦ ସମାଧାନ; ଅଣୁଯୋଜନା ପୁନଃପରିଦର୍ଶନ; ଅଣକାଷ୍ଠ ବନଜାତ ଦ୍ରବ୍ୟ ବଢାଇବା ଓ ପ୍ରତିପାଳନକ୍ଷମ ଅମଳ; ମୃତ୍ତିକା ଜଳ ସଂରକ୍ଷଣ ଓ ଜଙ୍ଗଲ ସୁରକ୍ଷା; ଅଗ୍ନି ନିୟନ୍ତ୍ରଣ ଓ ଚାରଣ ପରିଚାଳନା।



ପ୍ରତିପାଳନ ତାଲିମ ପ୍ରଣାଳୀ

ସହାୟକ ପୁନର୍ଜନନ ବନ ତତ୍ତ୍ୱ, ଜୈବ ବିବିଧତା ଓ ପରିବର୍ତ୍ତନ ତଦାରଖ, ଲୋକଙ୍କ ଜୈବ ବିବିଧତା ରେକର୍ଡ ଖାତା, ଆବିଷ୍କାର- ବିକାଶ ଧାରା; ମଡେଲ ଭିଏସଏସ ପରିଚାଳନା ବୈଷୟିକ ପ୍ରକ୍ରିୟା; ଜଙ୍ଗଲ ପରିଚାଳନାର ତଦାରଖ ସମୀକ୍ଷା ଓ ସଂଶୋଧନ; ଅର୍ଥ ଯୋଗାଡ ଓ ଗ୍ରାମ୍ୟ ବନ ଉନ୍ନୟନ ପାଣ୍ଠିର ପରିଚାଳନା; ଗୋଷ୍ଠୀଗତ ଆଦାନପ୍ରଦାନ ଓ ଏକାଭିମୁଖୀକରଣ; ଜଙ୍ଗଲ ପରିଚାଳନା ଓ ଗ୍ରାମ୍ୟ ବିକାଶ; ମଡେଲ ଭିଏସଏସ ପରିଚାଳନା; ଗୋଷ୍ଠୀଗତ ପ୍ରକ୍ରିୟା, ନେତୃତ୍ୱ ସୁଦୃଢୀକରଣ।

## ଇଡିସି ପାଇଁ ତାଲିମ ପ୍ରଣାଳୀ

ଏକତ୍ରିକରଣ ତାଲିମ ପ୍ରଣାଳୀ



ଉପକୂଳ ବୃକ୍ଷରୋପଣ- ହେନ୍ତାଳ ଏବଂ ଝାଉଁ ପରିଚାଳନା; ସହଭାଗୀ ବର୍ଦ୍ଧନ ଓ ପ୍ରଭାବ ତଦାରଖ; ଅଣୁଯୋଜନା ପୁନଃପରିଦର୍ଶନ; ଜଙ୍ଗଲ ଓ ଗ୍ରାମ୍ୟ ବିକାଶ ପାଇଁ ଏକାଭିମୁଖୀକରଣ ଯୋଜନା; ଇଡିସି ଗୋଷ୍ଠୀକରଣ, ନେତୃତ୍ୱ ଓ ବିବାଦ ସମାଧାନ; ଇଡିସିର ରେକର୍ଡ ରକ୍ଷଣ, ହିସାବ ରକ୍ଷଣ ଓ ଆର୍ଥିକ ପରିଚାଳନା ତଥା ଏସଏଚଜିଙ୍କୁ ଋଣ ପ୍ରଦାନ, ଇଡିସି ଦ୍ୱାରା ପରିବେଶ ପର୍ଯ୍ୟଟନ ଏବଂ ଜୀବିକା ନିର୍ବାହ କାର୍ଯ୍ୟକ୍ରମ।

ପ୍ରତିପାଳନ ତାଲିମ ପ୍ରଣାଳୀ

ହେନ୍ତାଳ (ମାଛ ଚାଷ ଓ ପଶୁଚାରା) ଏବଂ ଝାଉଁ (ଜାଳେଣୀ) ସମ୍ପଦପରିଚାଳନା; ଜାଳେଣୀ ଓ ଚାରା ଜମି ବିକାଶ; ପରିବେଶ ପର୍ଯ୍ୟଟନ ଓ ପ୍ରତିପାଳନକ୍ଷମ ଜୀବିକା ନିର୍ବାହ କାର୍ଯ୍ୟକ୍ରମ; ଅନ୍ୟ ବିଭାଗ ସହ ଏକାଭିମୁଖୀକରଣ ଓ ଦଳ ଗଠନ; ଗ୍ରାମ୍ୟ ବନ ଉନ୍ନୟନ ପାଣ୍ଠିର ସୁଦୃଢୀକରଣ ଓ ପରିଚାଳନା; ଲୋକଙ୍କ ଜୈବ ବିବିଧତା ରେକର୍ଡ ଖାତା; ଗୋଷ୍ଠୀଗତ ଆଦାନପ୍ରଦାନ ଓ ଏକାଭିମୁଖୀକରଣ।

## ସେପ୍ଟେମ୍ବର ୨୦୧୨ ସୁଦ୍ଧା ସିବିଏସଏ ଦ୍ୱାରା ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ସଂଖ୍ୟା

| କ୍ରମିକ ସଂଖ୍ୟା | ଡିଏମୟୁ ନାମ | ତାଲିମପ୍ରାପ୍ତ ବ୍ୟକ୍ତି ସଂଖ୍ୟା | ପର୍ସନ ଡେ ସଂଖ୍ୟା |
|---|---|---|---|
| ୧ | ଅନୁଗୁଳ | ୧୩୨୩ | ୨୭୩୧ |
| ୨ | ସାତକୋଶିଆ | ୧୫୬ | ୧୯୯ |
| ୩ | ରାଉରକେଲା | ୯୧୪ | ୧୬୧୬ |
| ୪ | ଦେବଗଡ | ୬୦୯ | ୧୯୬୨ |
| ୫ | ବଣାଇ | ୬୦୪ | ୧୪୭୭ |
| ୬ | ପାରଳାଖେମୁଣ୍ଡି | ୩୮୨ | ୫୨୭ |
| ୭ | ବାଲେଶ୍ୱର(ବନ୍ୟପ୍ରାଣୀ) | ୬୮ | ୧୩୬ |
| ୮ | ଭଦ୍ରକ (ବନ୍ୟପ୍ରାଣୀ) | ୧୦୫ | ୨୬୦ |
| ୯ | ବାଲିଗୁଡା | ୫୨୦ | ୮୧୨ |
| ୧୦ | ଜୟପୁର | ୬୧୯ | ୧୯୬୧ |
| ୧୧ | କେନ୍ଦୁଝର | ୧୧୭୯ | ୨୫୮୫ |
| ୧୨ | କୋରାପୁଟ | ୨୧୧୪ | ୩୧୭୦ |
| ୧୩ | ଫୁଲବାଣୀ | ୯୮୨ | ୧୭୩୪ |
| ୧୪ | ରାୟଗଡା | ୬୩୯ | ୧୧୨୬ |
| | ସର୍ବମୋଟ | ୧୦,୨୦୪ | ୨୦,୨୯୬ |

## ଓୟୁଏଟି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଭୁବନେଶ୍ୱରରେ କୃଷି ଉତ୍ପାଦପ୍ରଦର୍ଶନୀ ଓ ବିକ୍ରି ମେଳା-୨୦୧୨ରେ ଓଏଫଏସଡିପିର ଅଂଶଗ୍ରହଣ



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ଅବସରରେ ୨୨ରୁ ୨୪ ଅଗଷ୍ଟ ୨୦୧୨ ଯାଏଁ ଆୟୋଜିତ କୃଷି ପ୍ରଦର୍ଶନୀ ଓ ବିକ୍ରୟ ମେଳା-୨୦୧୨ରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ (ଓଏଫଏସଡିପି) ଅଂଶଗ୍ରହଣ କରିଥିଲା। ୯ଟି ଡିଏମୟୁ ଯଥା ଅନୁଗୁଳ, ବାଲିଗୁଡା, ଜୟପୁର, କେନ୍ଦୁଝର, କୋରାପୁଟ, ପାରଳାଖେମୁଣ୍ଡି, ଫୁଲବାଣୀ, ରାୟଗଡା ଓ ରାଉରକେଲାର ୯ଟି ଏସଏଚଜିର ୧୮ଜଣ ସଭ୍ୟାଙ୍କୁ ପ୍ରକଳ୍ପ ପକ୍ଷରୁ ପ୍ରୋତ୍ସାହିତ କରାଯାଇଥିଲା ଓ ସେମାନେ ନିଜ ନିଜର ସାମଗ୍ରୀ ସହ ଏହି ପ୍ରଦର୍ଶନୀରେ ଭାଗ ନେଇଥିଲେ। ଏସଏଚଜିଗୁଡ଼ିକ ଏନଟିଏଫପି, ହସ୍ତଶିଳ୍ପ, କୃଷି ଓ ଅଣକୃଷିଭିତ୍ତିକ ସାମଗ୍ରୀ ପ୍ରଦର୍ଶନ ସହ ମୋଟ ୮୫,୦୦୦ ଟଙ୍କାର ୪୦ ପ୍ରକାର ସାମଗ୍ରୀ ବିକ୍ରୟ କରିଥିଲେ। ଝାଡୁ, ହଳଦୀ(ଉଭୟ ଡାଳି ଓ ଗୁଣ୍ଡ), ଝୁଣା, ବିଭିନ୍ନ ଡାଲି, ମାଣ୍ଡିଆ, ବାଉଁଶ ସାମଗ୍ରୀ, ମହୁ, ହରିଡା, ବାହାଡା ଓ ଅଁଳା ଆଦିର ବହୁ ଚାହିଦା ରହିଥିବା ଲକ୍ଷ୍ୟ କରାଯାଇଥିଲା। ଏସଏଚଜି ସଭ୍ୟ ଯେଉଁମାନେ ଅତି ଦୁର୍ଗମ ଅଞ୍ଚଳରୁ ଆସିଥିଲେ, ସେମାନଙ୍କର ରାଜଧାନୀ ବୁଲିବା ଓ ଏପରି ଏକ ମଞ୍ଚରେ ସାମଗ୍ରୀ ବିକ୍ରୟର ଭଲ ଅଭିଜ୍ଞତା ହାସଲ ହୋଇଥିଲା। ଏଥିପାଇଁ ସେମାନେ ଖୁସି ଏବଂ ଓଏଫଏସଡିପି ଏବଂ ଏପରି ଏକ ସୁଯୋଗ ପ୍ରଦାନ କରିଥିବାରୁ ଓୟୁଏଟି ପାଖରେ ଋଣୀ।

# ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଅଧୀନରେ ଦକ୍ଷତା ବୃଦ୍ଧି



ଜଙ୍ଗଲ ଉପରେ ନିର୍ଭରଶୀଳ ଗୋଷ୍ଠୀଙ୍କୁ ବିକଳ୍ପ ଜୀବିକା ନିର୍ବାହ ପନ୍ଥା ଯୋଗାଇଦେବା ଓ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ(ଆଇଜିଏ)କୁ ବୃଦ୍ଧି କରିବା ଦିଗରେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମକୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସହଯୋଗ କରୁଛି। ଅଧିକାଂଶ ତାଲିମ ଭିଏସଏସ/ଇଡିସି ଅଧୀନରେ ଥିବା ଏସଏଚଜି ସଭ୍ୟମାନଙ୍କୁ ପ୍ରଦାନ କରାଯାଇଛି ଯେଉଁମାନେ କି ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ହାତକୁ ନେଇଛନ୍ତି। ସେପ୍ଟେମ୍ବର ୨୦୧୨ ସୁଦ୍ଧା ଆଇଜିଏ ସହ ଜଡିତ ୨୨୦୦ ଭିଏସଏସ ଓ ଇଡିସିର ୫୪୦୦ରୁ ଊର୍ଦ୍ଧ୍ୱ ଏସଏଚଜି ଏହି ପ୍ରକଳ୍ପରେ ସାମିଲ ହୋଇଛନ୍ତି। ଏସଏଚଜିର ବ୍ୟବସାୟ ଯୋଜନା ବିକାଶ, ଦକ୍ଷତା ବୃଦ୍ଧି ଆଦି ସହଯୋଗ ପ୍ରକ୍ରିୟା ଓ ଆଇଜିଏ ପ୍ରୋତ୍ସାହନ ପାଇଁ ବଜାର ସଂଯୋଗୀକରଣ ନିମନ୍ତେ ବିଶେଷଜ୍ଞ ଆଇଜିଏ ସହଯୋଗ ସଂସ୍ଥା (ଆଇଜିଏଏସଏ) ନିଯୁକ୍ତ ହୋଇଛନ୍ତି। ସେହିପରିଭାବେ କାର୍ଯ୍ୟକାରିଣୀ କମିଟି ସଭ୍ୟ ଓ ପ୍ରକଳ୍ପ କର୍ମଚାରୀମାନେ ମଧ୍ୟ ତାଲିମପ୍ରାପ୍ତ ହେଉଛନ୍ତି, ଯାହାଫଳରେ ସେମାନେ ଆଇଜିଏ ବ୍ୟବସାୟ ପାଇଁ ଏସଏଚଜିକୁ ସହଯୋଗ କରିପାରିବେ। ପ୍ରତି ଖଣ୍ଡୀୟ ପରିଚାଳନା କେନ୍ଦ୍ରରେ ନିମ୍ନଲିଖିତ ପ୍ରକାରର ତାଲିମ ଆଇଜିଏଏସଏ ଦ୍ୱାରା ପ୍ରଦାନ କରାଯାଇଛି:

| ତାଲିମର ନାମ | ମୋଟ ପ୍ରଦତ୍ତ ପର୍ଯ୍ୟନ ଦେ ତାଲିମ | | | |
|---|---|---|---|---|
| | ୨୦୧୦-୧୧ ବର୍ଷରେ | ୨୦୧୧-୧୨ ବର୍ଷରେ | ୧୨-୧୩ ବର୍ଷରେ (ସେପ୍ଟେମ୍ବର ୧୨ ସୁଦ୍ଧା) | ମୋଟ |
| ଏସଏଚଜି ମୂଳଦୁଆ ତାଲିମ | ୧୦୦୫୦ | ୧୧୩୭୦ | ୬୫୭୦ | ୨୭୯୯୦ |
| ଲଘୁ ଉଦ୍ୟୋଗ ପରିଚାଳନା | ୧୫୦୩୦ | ୧୧୦୪୦ | ୭୮୦୦ | ୩୩୮୭୦ |
| କୌଶଳ ବିକାଶ ତାଲିମ | ୩୭୫୦ | ୬୧୨୦ | ୩୩୦୦ | ୧୩୧୭୦ |
| ଶିକ୍ଷା ପରିଭ୍ରମଣ | ୨୯୪୦ | ୫୪୬୦ | ୧୮୬୦ | ୧୦୨୬୦ |
| ଲଘୁ ଉଦ୍ୟୋଗ ପରିଚାଳନା ରିଫ୍ରେସର | – | ୨୧୪୨୦ | ୨୬୧୦ | ୨୪୦୩୦ |
| ଆବର୍ତ୍ତନ ପାଣ୍ଠି ପରିଚାଳନା | – | – | ୬୦୦ | ୬୦୦ |
| ସର୍ବମୋଟ | ୩୧୭୭୦ | ୫୫୪୧୦ | ୨୨୭୪୦ | ୧୦୯୯୨୦ |

# ପ୍ରକାଶନ




OFSDP
ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦାରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ।

ମନ୍ତବ୍ୟ/ପ୍ରସ୍ତାବ ଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ
ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ ଏ)
E-mail : dpd.pa@ofsdp.org

**ପ୍ରକାଶକ**

**ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ**
ଏସଏଫଟିଆରଆଇ ପରିସର, ଘାଟିକିଆ, ଭୁବନେଶ୍ୱର-୭୫୧ ୦୦୩
ଫୋନ : ୦୬୭୪-୨୩୮୬୦୧୬, ଫ୍ୟାକ୍ସ : ୦୬୭୪-୨୩୮୬୦୮୫
E-mail : webmail@ofsdp.org, http:\\www.ofsdp.org

**ସମ୍ପାଦକ ମଣ୍ଡଳୀ**

ମୁଖ୍ୟ ସମ୍ପାଦକ : ପ୍ରକଳ୍ପ ନିର୍ଦ୍ଦେଶକ, ଓଏଫଏସଡିପି
ପରିଚାଳନା ସମ୍ପାଦକ : ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ
ସମ୍ପାଦକ : ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ ଏ)
ଉପଦେଷ୍ଟା : ଦଳପତି ସାଧାରଣ ପରାମର୍ଶଦାତା, ଓଏଫଏସଡିପି ଏବଂ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ (ଏ ଆଣ୍ଡ ଏଫ)

ମୁଦ୍ରାକାର : ଜ୍ୟୋତିଗ୍ରାଫିକ୍ସ
ଫୋନ : ୦୬୭୪-୨୫୪୪୨୦୯